## ଶଟର ଭାଙ୍ଗି ମାର୍କେଟ କମ୍ପ୍ଲେକ୍ସରୁ ଚୋରି

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଲକ୍ଷ୍ମୀ ମନ୍ଦିର ମାର୍କେଟ କମ୍ପ୍ଲେକ୍ସରୁ ଶନିବାର ବିଳମ୍ବିତ ରାତିରେ ସଟର ଭାଙ୍ଗି ଟଙ୍କା ଚୋରି ହୋଇଛି। ସୁରେଶ ବାରିକଙ୍କ ମିଷ୍ଟାନ୍ନ ଦୋକାନର ସଟର ଭାଙ୍ଗି ଦୁର୍ବୃତ୍ତ ଦୋକାନରେ ଥିବା ନଗଦ ପ୍ରାୟ ନଗଦ ଟଙ୍କା ସହିତ କିଛି ମିଠା ନେଇ ଯାଇଥିବା ଜଣାପଡ଼ିଛି। ଏ ନେଇ ଯୋଡା ଥାନାରେ ଅଭିଯୋଗ ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

# ବେଆଇନ ଭାବେ ଚାଲିଛି ନିଶା ନିବାରଣ କେନ୍ଦ୍ର

ବାରିପଦା,୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଅବାଧରେ ନିଶା ନିବାରଣ କେନ୍ଦ୍ର ଖୋଲାଯାଇଛି। ପରିଚାଳନା ନିମନ୍ତେ କୌଣସି ବ୍ୟବସ୍ଥା ନ ଥିବାରୁ କେନ୍ଦ୍ରକୁ ଅପବ୍ୟବହାର କରାଯାଉଛି। ଏପରିକି ଅନ୍ତେବାସୀଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପରିଚାଳନାଗତ ତ୍ରୁଟି ସୁଧାରିବା ପାଇଁ କୌଣସି ପ୍ରତିବନ୍ଧକ ରହୁନାହିଁ। ନିଶା ନିବାରଣ କେନ୍ଦ୍ର ପାଇଁ ଆବଶ୍ୟକ ନିୟମାବଳୀ ଓ ସର୍ତ୍ତାବଳୀକୁ ଏଡ଼ାଇବାକୁ ଯାଇ ବିଭିନ୍ନ ଟ୍ରଷ୍ଟ ଜରିଆରେ କେନ୍ଦ୍ର ପରିଚାଳନା କରୁଥିବା କାରବାରକୁ ରୋକ ଲଗାଇବାକୁ ନେଇ ଜିଲା ପ୍ରଶାସନ ବିଫଳ ହୋଇଛି। ସହରରେ ଏଭଳି ଅନେକ କେନ୍ଦ୍ର ରହିଥିବା ବେଳେ ପୋଲିସ ପ୍ରଶାସନ, ପୌର ପରିଷଦ ଓ ସରକାରୀସ୍ତରରେ କୌଣସି ହିସାବ ନ ଥିବା ସମସ୍ତଙ୍କୁ ଚକିତ କରିଛି।

ବାରିପଦା ସହରର ପାଲବଣି, ଦେବେନ୍ଦ୍ରପୁର, କାଳିକାପୁର, ବାରୁଣୀ ରୋଡ୍ ଆଦି ଅଞ୍ଚଳରେ ବେଆଇନ କେନ୍ଦ୍ରଗୁଡ଼ିକ ଖୋଲାଯାଇଛି। ସେଥିମଧ୍ୟରୁ ମାତ୍ର ଗୋଟିଏ ନିଶା ନିବାରଣ କେନ୍ଦ୍ର ସରକାରୀ ସ୍ୱୀକୃତିପ୍ରାପ୍ତ। କେନ୍ଦ୍ର ପରିଚାଳନା ପାଇଁ ଆବଶ୍ୟକ ନଥିପତ୍ର ଯାଞ୍ଚ କରା ନ ଯିବାରୁ ଅନିୟମିତତା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ କିମ୍ବା ପୋଲିସ ପକ୍ଷରୁ କୌଣସି ଯାଞ୍ଚ ମଧ୍ୟ କରାଯାଉନାହିଁ। କିଛି ମାସ ପୂର୍ବରୁ କାଳିକାପୁର ଅଞ୍ଚଳର ଏକ ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ

### ଜିଲା, ପୋଲିସ ପ୍ରଶାସନର ନଜର ନାହିଁ

ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହା ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ପ୍ରଶାସନ ପକ୍ଷରୁ ଉକ୍ତ କେନ୍ଦ୍ରକୁ ବନ୍ଦ କରିବା ସହ ମାଲିକକୁ କୋର୍ଟଚାଲାଣ କରାଯାଇଥିଲା। ପରବର୍ତ୍ତୀ ଦିନମାନଙ୍କରେ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହି ଜିଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ସୋରେନ୍ କୁହନ୍ତି, ନିଶା ନିବାରଣ କେନ୍ଦ୍ରଗୁଡ଼ିକ ଖୋଲିବା ଓ ପରିଚାଳନା କରିବା ସମ୍ପର୍କରେ ବିଭାଗକୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ସେହିପରି ପୌରପରିଷଦ ଅଞ୍ଚଳରେ କୌଣସି ବ୍ୟବସାୟ କରିବା ପୂର୍ବରୁ ଟ୍ରେଡ୍ ଲାଇସେନ୍ସ ପ୍ରଦାନ କରାଯାଇଥାଏ। ମାତ୍ର ଏଭଳି କୌଣସି ସଂସ୍ଥାକୁ ଲାଇସେନ୍ସ ପ୍ରଦାନ କରାଯାଇ ନ ଥିବା ବେଳେ ଟିକସ ଆଦାୟକାରୀଙ୍କ ଜରିଆରେ ସମସ୍ତ ନିଶା ନିବାରଣ କେନ୍ଦ୍ରର ଗୃହ ମାଲିକଙ୍କୁ ନୋଟିସ୍ ଜାରି କରାଯିବ ବୋଲି ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଏସ୍‌ପି ବି.ଗଙ୍ଗାଧର କହନ୍ତି, ଏ ନେଇ ଏକ କମିଟି ଗଠନ କରାଯାଇ କେନ୍ଦ୍ରଗୁଡ଼ିକରେ ଚଢ଼ାଉ କରାଯିବ। ବେଆଇନ ପରିଚାଳନା କରୁଥିବା କେନ୍ଦ୍ର ଯାଞ୍ଚ କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ନୀଳଗିରିରୁ ପୁଣି ୨ ଅଜଗର ଉଦ୍ଧାର



ନୀଳଗିରି,୧।୧୦(ପ୍ରଶାନ୍ତ ବିଶ୍ୱାଳ)- ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରୁ ପୁଣି ୨ ଅଜଗର ଉଦ୍ଧାର ହୋଇଛି। ଗୋଟିଏ ସ୍ୱର୍ଣ୍ଣଚୂଡ଼ ପାହାଡ଼ରୁ ଖସିଆସି ନୀଳଗିରି ସହରରେ ପଶି ବିଲେଇକୁ ଗିଳିଲା ବେଳେ ଓ ଅନ୍ୟଟି ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ଗ୍ରାମରେ ମାଛ ଜାଲରୁ ଉଦ୍ଧାର ହୋଇଛି। ଶନିବାର ବିଳମ୍ବିତ ରାତିରେ ନୀଳଗିରି ଏନ୍‌ଏସିର ୮ନଂ ୱାର୍ଡ ସାନଅତା ଗାଁ ରାସ୍ତାର କଡ଼ ଡ୍ରେନ୍‌ରେ ୧୦ ଫୁଟ ଲମ୍ବର ଅଜଗର ଏକ ବିଲେଇକୁ ଗିଳିଦେଇଥିଲା। ସ୍ଥାନୀୟ ବାସିନ୍ଦା ବାବୁଲି ସରକାର ଏହା ଦେଖି ସାପ ଧରାଳି କୁମାର ରାୟଙ୍କୁ ଖବର ଦେଇଥିଲେ। ରାୟ ପହଞ୍ଚି ଅକ୍ଷତ ଅବସ୍ଥାରେ ଅଜଗରକୁ ଉଦ୍ଧାର କରି ରଖିଥିଲେ। ଏହି ଖବର ପ୍ରଚାରିତ ହେବାପରେ ରବିବାର ସକାଳେ ସାପଟିକୁ ଦେଖିବା ପାଇଁ ଲୋକେ ଭିଡ଼ ଜମାଇଥିଲେ। ପରେ ସାପଟି ଗିଳିଥିବା ବିଲେଇକୁ ଓକାଳିଥିଲା। ସେହିପରି ରବିବାର ନୀଳଗିରି ଥାନା ସନ୍ତରାଗଡ଼ିଆ ନିକଟ ମଧୁକର ଖୁଣ୍ଟା ଗ୍ରାମର ପ୍ରଭାକର ମଲ୍ଲିକଙ୍କ ଘର ବାଡ଼ିର ଏକ ମାଛ ଜାଲରେ ଛନ୍ଦି ହୋଇଥିବା ୫ ଫୁଟ୍ ଲମ୍ବର ଅଜଗରକୁ ସାପଧରାଳି ହରେକୃଷ୍ଣ ରାଉତ ଉଦ୍ଧାର କରିଥିଲେ। ପରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଉଦ୍ଧାର ହୋଇଥିବା ୨ ଅଜଗରକୁ ନେଇ କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ମାସ ୧୫ ତାରିଖରେ ନୀଳଗିରି ଅଞ୍ଚଳରୁ ୧୦ ଫୁଟ ଲମ୍ବର ଏକ ଅଜଗର ଉଦ୍ଧାର ହୋଇଥିଲା।

### ହୋଟେଲରୁ ଶିଶୁ ଶ୍ରମିକ ଉଦ୍ଧାର

ବୈଶିଙ୍ଗା,୧।୧୦(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ହୋଟେଲରୁ ଶିଶୁ ଶ୍ରମିକ ଭାବେ କାର୍ଯ୍ୟରତ ଜଣେ ନାବାଳକଙ୍କୁ ପ୍ରଶାସନ ଉଦ୍ଧାର କରିଛି। ବାଲେଶ୍ୱର ଉପ ଜିଲାପାଳ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଜଗନ କୁନାଲ ମୋତିରାମ ଏଠାକୁ ଖାଇବାକୁ ଆସିଥିବା ସମୟରେ ନାବାଳକ ତାଙ୍କ ନଜରକୁ ଆସିଥିଲେ। ସେ ତତ୍‌କ୍ଷଣାତ ମୟୂରଭଞ୍ଜ ଜିଲା ପ୍ରଶାସନକୁ ଖବର ଦେଇଥିଲେ। ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ବ୍ଲକ୍ ଶିକ୍ଷା ଅଧିକାରୀ ବିପ୍ଳବ କର ସଦଳବଳେ ହୋଟେଲରେ ଚଢ଼ାଉ କରି ସମ୍ପୃକ୍ତ ଶ୍ରମିକ ଭାବେ କାର୍ଯ୍ୟରତ ନାବାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ନିକଟସ୍ଥ ନଛିପୁରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ସହିତ ପାଠ୍ୟପୁସ୍ତକ ଯୋଗାଇ ଦେଇଥିଲେ।

# ଗାନ୍ଧୀ ଜୟନ୍ତୀ ପାଳିବେନି ସରପଞ୍ଚ



ବିଡିଓଙ୍କ କାର୍ଯ୍ୟାଳୟରେ ସରପଞ୍ଚମାନେ।

ଭଣ୍ଡାରିପୋଖରୀ,୧।୧୦(ରବିନାରାୟଣ ଖିଲାର)

ଗାନ୍ଧୀ ଜୟନ୍ତୀ ପାଳନ କରିବେ ନାହିଁ ବୋଲି ସରପଞ୍ଚ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଏନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସରପଞ୍ଚ ଅମୂଲ୍ୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ପାଦିକା ଦେବଦାସୀ ଜେନା, ବରିଷ୍ଠ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ସତ୍ୟବ୍ରତ ପାଲ, ମୀନତି ସାହୁ, ବର୍ଷାରାଣୀ ଜେନା ପ୍ରମୁଖ ଉପସ୍ଥିତ ରହି ରବିବାରଠାରୁ ସେମାନେ କୌଣସି ସରକାରୀ କାର୍ଯ୍ୟକ୍ରମରେ ଭାଗନେବେ ନାହିଁ ବୋଲି କହିଥିଲେ। ଏପରିକି ପଞ୍ଚାୟତରେ ଅର୍ଥନୈତିକ କାରବାରକୁ ସ୍ଥାଣୁ କରିବା ପାଇଁ ଡିଜିଟାଲ ଦସ୍ତଖତକୁ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ମୋଟାମୋଟି ଭାବେ ବ୍ଲକ ଅଧୀନ ୨୩ ପଞ୍ଚାୟତ କାର୍ଯ୍ୟାଳୟଠାରେ ତାଲା ପଡ଼ିବା ଭଳି ଅବସ୍ଥା ହୋଇଛି। ସରପଞ୍ଚ ରଞ୍ଜନ ପରିଡ଼ା, ସୁବାଶିନୀ ନାୟକ, ମୀନତି ପରିଡ଼ା, ସୁଜାତା ସାହୁ, ମଧୁସ୍ମିତା ସାହୁ, ବିଶ୍ୱନାଥ ସାହୁ, ସସ୍ମିତା ସେଠୀ ପ୍ରମୁଖ ରାଜ୍ୟ ସଂଘ ନିଷ୍ପତ୍ତି ଅନୁଯାୟୀ ସେମାନେ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି ଜଣାଇଥିଲେ। ବୈଠକ ଶେଷରେ ସରପଞ୍ଚମାନେ ବିଡିଓଙ୍କୁ ସାକ୍ଷାତ କରି ଦାବି ପୂରଣ ବାବଦରେ ଆଲୋଚନା କରିବା ସହ ପଞ୍ଚାୟତଗୁଡ଼ିକରେ ଅଚଳାବସ୍ଥାକୁ ନେଇ ସୂଚନା ଦେଇଥିଲେ।

## ଅର୍ଣ୍ଣପାଳରେ ଖୋଲିଲା ୟୁନିଅନ ବ୍ୟାଙ୍କ

ଭଦ୍ରକ,୧।୧୦(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକର ଅର୍ଣ୍ଣପାଳଠାରେ ୟୁନିଅନ ବ୍ୟାଙ୍କର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ୟୁନିଅନ ବ୍ୟାଙ୍କର ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଜୟ ଗୋପାଳ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଜନସାଧାରଣଙ୍କ ପାଇଁ ଉପଲବ୍ଧ ଆର୍ଥିକ ସୁବିଧା ଓ ସୁଯୋଗ ସମ୍ପର୍କରେ କହିଥିଲେ। ଅର୍ଣ୍ଣପାଳ ଶାଖାର ପରିଚାଳକ ବିକାଶ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭଦ୍ରକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ୟୁକୋ ବ୍ୟାଙ୍କର ଏଲ୍‌ଡିଏମ୍ ନାଗେଶ୍ୱର ରାଓ, ୟୁନିଅନ ବ୍ୟାଙ୍କ ବାଲେଶ୍ୱର ଆଞ୍ଚଳିକ ଶାଖାର ଅତିରିକ୍ତ ମୁଖ୍ୟ ବିପିନ କିଶୋର ଏକ୍କା, ବିଷ୍ଣୁପୁରବିନ୍ଧା ସରପଞ୍ଚ ପଦ୍ମାବତୀ ପୃଷ୍ଟି, ଅର୍ଣ୍ଣପାଳ ସରପଞ୍ଚ ମୀନାରାଣୀ ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ପ୍ରୋତ୍ସାହନ ସ୍ୱରୂପ କେତେକ ଗ୍ରାହକଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାହାନଗା,୧।୧୦(ଅରୂପ କୁମାର ଦାସ)

ବାହାନଗା ବ୍ଲକ ବିଷ୍ଣୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି ଏବଂ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସପନ କୁମାର ଦେ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟାନିଧି ମହିଳା କଲେଜର ଅଧ୍ୟକ୍ଷ ମନୋଜ କୁମାର ସାମନ୍ତରାଏ, ସମ୍ମାନିତ ଅତିଥି ଭାବେ ବିଷ୍ଣୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମେନ ପ୍ରଦୀପ୍ତ କୁମାର ଦାସ, ସତ୍ୟାନିଧି ମହିଳା କଲେଜର ଅଧ୍ୟାପିକା ଦମୟନ୍ତୀ ଦାସ, ବିଷ୍ଣୁପୁର କ୍ଲଷ୍ଟର ସିଆର୍‌ସିସି ଦିଲ୍ଲୀପ୍ କୁମାର ସେଠୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଲଳିତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନାଚ ଗୀତ,ବ୍ୟକ୍ତୃତା,ରଚନା, କୁଇଜ୍,ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଓଡ଼ିଶା ମିଲେଟସ୍ ପ୍ରତିଯୋଗିତାରେ ରଚନା,ବକ୍ତୃତା, ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀତ୍ୱ ଅର୍ଜନ କରିଥିବା ୩୦ ଜଣ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କଲେ ଦିବ୍ୟାଙ୍ଗ

ତିହିଡି,୧।୧୦(ସଞ୍ଜିତ ବଳ)

ସ୍ୱଚ୍ଛ ଭାରତ ଅଭିଯାନ ପରିପ୍ରେକ୍ଷୀରେ ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଦିବ୍ୟାଙ୍ଗମାନେ ସଫେଇ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଓଡ଼ିଶା ଦିବ୍ୟାଙ୍ଗ ଜନକଲ୍ୟାଣ ସଂଘ ପକ୍ଷରୁ ଏହି ସଫେଇ କରାଯାଇଥିଲା। ଦିବ୍ୟାଙ୍ଗମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀମାନଙ୍କୁ ପ୍ରଥମେ ଫଳ ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ପରେ ସେମାନେ ଡାକ୍ତରଖାନା ସାମ୍ନା ଏବଂ ପରିସରରେ ଥିବା ଅଳିଆ ସଫା କରିଥିଲେ। ସଂଘର ସଭାପତି ନାରାୟଣ ରାଉତ, ସମ୍ପାଦିକା ଝୁନୁଲତା ଦାସ, ଉପସଭାପତି ପ୍ରଭାତ କୁମାର ପଣ୍ଡା, ସହସମ୍ପାଦକ ରଞ୍ଜନ ପାଢ଼ୀଙ୍କ ସମେତ ମୁଖପାତ୍ର ପ୍ରଦୀପ କୁମାର ନାୟକ, ମାନସ ସାହୁ, ବିଶ୍ୱପତି ମଲ୍ଲିକ, ସତ୍ୟନାରାୟଣ ନାୟକ, ରୀନାରାଣୀ ଦାସ, ସବିତା ମହାପାତ୍ର, ପ୍ରଦୀପ ନାୟକ ପ୍ରମୁଖ ସଫେଇ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି, ସୁପରଭାଇଜର ଅମରେନ୍ଦ୍ର ପୃଷ୍ଟି, ଶାନ୍ତିଲତା ମିଶ୍ର, ସ୍ୱାସ୍ଥ୍ୟକର୍ମୀ ରୀତାଞ୍ଜଳି ଶତପଥୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରବିବାର ସକାଳେ ଫତେପୁର ଗ୍ରାମସ୍ଥିତ ନାରାୟଣ ଓ ଶିବମନ୍ଦିର ପରିସରରେ ସଫେଇ ସହ ଜନସଚେତନତା ସୃଷ୍ଟି କରାଯାଇଥିଲା।



ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫା କରାଯାଉଛି।

# ଉପସ୍ଥିତ ବୁଦ୍ଧି ଯୋଗୁ ସାଇବର ଠକେଇରୁ ବର୍ତ୍ତିଲେ ଯୁବକ

ଯୋଡ଼ା,୧।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଅଞ୍ଚଳରେ ଜଣେ ଯୁବକ ଉପସ୍ଥିତ ବୁଦ୍ଧି ଯୋଗୁ ସାଇବର ଠକେଇରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଯୁବକ ସାଇବର ଠକକୁ ଭୁଲ ନମ୍ବର ଦେବାରୁ ଠକର ଉଦ୍ଦେଶ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ଗାଳିଗୁଲଜ କରିଥିବା ବିଲେଇପଦା ଅଞ୍ଚଳର ଉକ୍ତ ଯୁବକ ଗୌତମ ସାହୁ କହିଛନ୍ତି।

ଖବର ନେବାରୁ ଜଣାପଡ଼ିଛି, ଶନିବାର ଗୌତମଙ୍କ ପାଖକୁ ୭୬୮୧୮୫୩୮୦୭ ନମ୍ବରରେ ଜଣେ ମହିଳା ଫୋନ କରି ବାଲ ବିକାଶ କେନ୍ଦ୍ରରୁ କହୁଥିବା କହିଥିଲେ। ଗୌତମଙ୍କ ସ୍ତ୍ରୀ ବନସ୍ମିତା ଅନ୍ତଃସତ୍ତ୍ୱା ଥିବାରୁ ତାଙ୍କ ନାମ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ପଞ୍ଜୀକୃତ ହୋଇଛିକି ନାହିଁ, ଅଙ୍ଗନୱାଡ଼ି କେନ୍ଦ୍ରରୁ ସମସ୍ତ ପ୍ରକାରର ସରକାରୀ ସହାୟତା ମିଳିବାରେ ଅସୁବିଧା ହେଉଛି କି ବୋଲି ପଚାରି ବୁଝିଥିଲେ। ପରେ ଗୌତମଙ୍କୁ ସେଠାକାର ଆଶାକର୍ମୀ କୁମୁଦିନୀ ମହାକୁଡ଼ଙ୍କ ସହ କନ୍‌ଫରେନ୍ସ କଲରେ କଥାବାର୍ତ୍ତା କରାଇଥିଲେ। ବିଶ୍ୱାସ ଜନ୍ମାଇବା ପରେ କୁମୁଦିନୀଙ୍କ ଫୋନ୍‌ଟିକୁ ହୋଲ୍ଡ କରି ଗୌତମଙ୍କୁ ତାଙ୍କ ବ୍ୟାଙ୍କଖାତାରେ ଆର୍ଥିକ ସହାୟତା

### ସରକାରୀ ସହାୟତା ବାହାନାରେ ଠକେଇ ଉଦ୍ୟମ

ପଠାଯିବ କହି ଫୋନ ପେ ଅଛିକି ନାହିଁ ବୁଝିଥିଲେ। ଗୌତମ ହଁ କରିବା ପରେ ତାଙ୍କ ନିର୍ଦ୍ଦେଶକୁ ଅନୁସରଣ କରି ୨ଟି ପର୍ଯ୍ୟାୟରେ ୬୦୧୨, ୫୫୦୧ ଟଙ୍କା ମାରି ନିଜର ପାସ ୱାର୍ଡ ଦେବା ପାଇଁ ଠକ କହିଥିଲେ। ଗୌତମ ଏହା ଠକେଇ ହେଉଥିବା ଜାଣିପାରି ଭୁଲ ନମ୍ବର ଦେଇଥିଲେ। ଏଥିରେ କ୍ଷୁବ୍ଧହୋଇ ଠକ ଜଣଙ୍କ ହିନ୍ଦୀରେ ଗାଳିଦେବା ସହ ତୁ ବଞ୍ଚିଗଲୁ ବୋଲି କହି ଫୋନ୍ କାଟିଦେଇଥିଲେ। ଏ ନେଇ ଗୌତମ ବିଲେଇପଦା ଫାଣ୍ଡିରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହିପରି ଭାବେ ଗୋଟିଏ ନମ୍ବରରେ ଠକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବିରିକଳା ପଞ୍ଚାୟତର ବିଲେଇପଦା ଅଙ୍ଗନୱାଡ଼ି କର୍ମୀ, କରଣସାହି ଆଶାକର୍ମୀ, ମୁରୁଦା ଆଶାକର୍ମୀ, ଏଏନ୍‌ଏମ୍‌ଙ୍କୁ ମଧ୍ୟ ଫୋନ ଆସିଥିବା ସୂଚନା ମିଳିଛି। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ତଥ୍ୟ ସହିତ କର୍ମୀମାନଙ୍କର ଫୋନ ନମ୍ବର ଠକ ପାଖରେ ଥିବାରୁ କୌଣସି ସରକାରୀ ଅଧିକାରୀଙ୍କ ସହିତ ଏମାନଙ୍କ ସମ୍ପର୍କ ଥିବା ସନ୍ଦେହ କରାଯାଉଛି।

# ବଡ଼ବିଲ-ପୁରୀ ଟ୍ରେନ୍ ଟାଇମ୍ ବଦଳିଲା

କେନ୍ଦୁଝର,୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ବଡ଼ବିଲ- ପୁରୀ ଏକ୍ସପ୍ରେସ (ନଂ. ୧୮୪୧୫)ର ସମୟ ତାଲିକା ବଦଳିଲା। ଟ୍ରେନ ପୁରୁଣା ସମୟର ଏକ ଘଣ୍ଟା ପୂର୍ବରୁ ଚାଲିବ। ନୂତନ ସମୟ ଅନୁଯାୟୀ ଟ୍ରେନ୍ ୯ ଟା ୩୦ରେ ବଡ଼ବିଲ ଛାଡ଼ିବ ଏବଂ ୧.୨୫ରେ କେନ୍ଦୁଝରଗଡ଼ରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରେ ୫.୫୫ରେ ଓ ସନ୍ଧ୍ୟା ୮ଟା ୧୫ରେ ପୁରୀରେ ପହଞ୍ଚିବ ବୋଲି ସୂଚନା ମିଳିଛି। ରବିବାରଠାରୁ ନୂତନ ସମୟରେ ଚଳାଚଳ କରିଥିବ ସୂଚନା ମିଳିଛି।

# ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ମିଳିଲା ଜମିପଟ୍ଟା

ଚମ୍ପୁଆ,୧।୧୦ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନଭାବେ ପରିଚିତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ଦୀର୍ଘ ୪୬ ବର୍ଷ ପରେ ଜମିପଟ୍ଟା ମିଳିଛି। ସ୍ଥାନୀୟ ତହସିଲଦାର ଡା. ସାଇସସ୍ମିତା ହୋତା, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ନିଜ କାର୍ଯ୍ୟାଳୟରେ ଉକ୍ତ ଜମି ପଟ୍ଟାକୁ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କରଙ୍କୁ ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୭୭ ରେ ଉପାନ୍ତ ଚମ୍ପୁଆ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ତତ୍‌କାଳୀନ ବୁଦ୍ଧିଜୀବୀଙ୍କ ପ୍ରୟାସରେ ସବୁ ବର୍ଗର ଲୋକଙ୍କୁ ନେଇ ନେହେରୁ ଷ୍ଟାଡ଼ିୟମଠାରେ କଲେଜ ନିର୍ମାଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏହା ଚନ୍ଦ୍ରଶେଖର ଟିୟୁଟରିଆଲ ଭାବେ ୬୦ ଜଣ ପିଲାଙ୍କୁ ନେଇ ସ୍ଥାନୀୟ ମହତାବ ହାଇସ୍କୁଲରେ ଆରମ୍ଭ କରାଯାଇଥିଲା। ୧୦ ଏକର ଜାଗାକୁ ନେଇ ନୂଆଗାଁ ନିକଟରେ ମହାବିଦ୍ୟାଳୟ ପାଇଁ ଜାଗା ସଂରକ୍ଷିତ କରାଯିବା ସହିତ ତତ୍‌କାଳୀନ ଚମ୍ପୁଆ ବ୍ଲକ୍‌ର ୨୧ ଗୋଟି ପଞ୍ଚାୟତର ସରପଞ୍ଚମାନେ ଅନୁଦାନ ପ୍ରଦାନ କରିଥିଲେ। ଏଥି ସହିତ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ପ୍ରଥମ ଏକ ଟାଇଲ ଛପର ଘର ନିର୍ମାଣ କରାଯାଇ ନୂତନ ଜାଗାରେ ପାଠପଢ଼ା ଆରମ୍ଭ କରାଯାଇଥିଲା। ୧୯୭୭ରେ ଉମାକାନ୍ତ ମହାନ୍ତ ଏହାର ପ୍ରଥମ ଅଧ୍ୟକ୍ଷଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ମହାବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଭାବେ ନାମିତ କରାଯାଇଥିଲେ। ମହାବିଦ୍ୟାଳୟ ପାଇଁ ୭୫ ଡିସିମିଲ୍ ଜମି କିଣା ଯାଇଥିଲା। ପରେ ଉକ୍ତ ୧୦ ଏକର ଜାଗାକୁ ଲିଜ୍ ସୂତ୍ରରେ ବ୍ୟବହାର କରାଯାଇ ଆସୁଥିବା ବେଳେ ଏହାର ପଟ୍ଟା ଗତ ୩୦ ତାରିଖ ଦିନ ମହାବିଦ୍ୟାଳୟକୁ ହସ୍ତାନ୍ତର କରାଯାଇଛି। ଉପ ଜିଲାପାଳ ସୁକାନ୍ତ ମାଝୀଙ୍କ ତତ୍ତ୍ୱାବଧାନରେ ପଟ୍ଟା ପାଇଁ କାର୍ଯ୍ୟ ଆରମ୍ଭ କରାଯିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ମହାବିଦ୍ୟାଳୟରେ +୨ ଓ +୩ ପାଠ୍ୟକ୍ରମ ଚାଲୁଥିବା ବେଳେ ୧୭୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୩୫ ଜଣ ଅଧ୍ୟାପିକା ଓ ଅଧ୍ୟାପକ ଶିକ୍ଷାଦାନ କରୁଛନ୍ତି।



ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ତହସିଲଦାର ଜମିପଟ୍ଟା ପ୍ରଦାନ କରୁଛନ୍ତି।

# ‘ସ୍ୱଚ୍ଛତା ହିଁ ସେବା’ ଅଭିଯାନ

ବାଲେଶ୍ୱର,୧।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ‘ସ୍ୱଚ୍ଛତା ହିଁ ସେବା ଅଭିଯାନ’ କ୍ରମେ ରବିବାର ଏନ୍‌ଏସ୍‌ଏସ୍ ବ୍ୟୁରୋ ଏବଂ ଏନ୍‌ଏସ୍‌ଏସ୍ ୟୁନିଟ୍ ତରଫରୁ ‘ଏକ ତାରିଖ ଏକ ଘଣ୍ଟା ଏକ ସାଥ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଂକଳ୍ପ, ସମର୍ଥନ ଏବଂ ଉତ୍ସାହ ନେଇ ଏନ୍‌ଏସ୍‌ଏସ୍‌ର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକାଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ବହୁ ମାତ୍ରାରେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ପ୍ରଫେସର ସୁର୍ଯ୍ୟେନ୍ଦୁ ଦେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରର ଅଳିଆ ଆବର୍ଜନା ସଫା କରିବା ସହ ପରିବେଶକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ସୋସିଆଲ ସାଇନ୍ସ ବିଭାଗର ପ୍ରଫେସର ଅନିଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସହଯୋଗରେ ବିଶ୍ୱବିଦ୍ୟାଳୟ ଚତୁଃପାର୍ଶ୍ୱକୁ ସଫା କରିବାରେ ସାହାଯ୍ୟ କରିଥିଲେ। ଏନ୍‌ଏସ୍‌ଏସ୍ ୟୁନିଟର ଡ. ପ୍ରତିମା ପ୍ରଧାନ ଏବଂ ଡ. ଜଗନ୍ନାଥ ବେହେରାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମଟି ସଫଳ ରୂପେ ସଂଯୋଜିତ ହୋଇଥିଲା।

ସେହିପରି ବାଲେଶ୍ୱର ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନାରେ ସ୍ୱଚ୍ଛତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ଉପସ୍ଥିତ ରହି ସ୍ୱଚ୍ଛତା ହିଁ ସେବା ବିଷୟରେ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଅଭିଭାଷଣ ଦେବା ସହ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। କ୍ୟାମ୍ପସରେ ଫୁଲ ଗଛ ଲଗାଯାଇଥିଲା। ସମସ୍ତ ଅଧ୍ୟାପକ, ଅଫିସ କର୍ମଚାରୀ, ଅଣ ଶିକ୍ଷକ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ମିଶି ମହା ବିଦ୍ୟାଳୟର ବଗିଚା ସମେତ କ୍ୟାମ୍ପସ ପରିସର ସଫା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ତଥା ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବିନିତ୍ କୁମାର ପାଢ଼ୀ ଉପସ୍ଥିତ ଥିଲେ।



ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବର୍ଜନା ସଫା କରାଯାଉଛି।

## ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ୨ ଗିରଫ

ତେଲକୋଇ,(ରଞ୍ଜିତ ବିଶ୍ୱାଳ): ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ତେଲକୋଇ ବନ ବିଭାଗ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଇସୁଆଁ ପଞ୍ଚାୟତ ସମାକୁଦ ଗ୍ରାମର ଭାବ ସାହୁ (୪୫) ଓ ନୂଆଗାଁ ଗ୍ରାମର ବୈକୁଣ୍ଠ ମହାନ୍ତ (୪୭)। ବିମଳା ଫରେଷ୍ଟ ସେକ୍ସନ ସମାକୁଦ ଗ୍ରାମ୍ୟ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ହୁକିଂ କରୁଥିବା ସମୟରେ ବନ ବିଭାଗ ଗିରଫ କରିଛି। ସେମାନଙ୍କଠାରୁ ଜିଆଇ ତାର, ପ୍ଲାଷ୍ଟିକ ଖୁଣ୍ଟି, କରତ ଆଦି ସାମଗ୍ରୀ ଜବତ କରାଯାଇଛି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଜିଲାସ୍ତରୀୟ ୧୫୪ତମ ଗାନ୍ଧୀ ଜୟନ୍ତୀ-୨୦୨୩, ସ୍ଥାନ: ଶହୀଦପାର୍କ ଓ ଜିଲା ପାଠାଗାର, ସମୟ-ସାମୂହିକ ମାଲ୍ୟାର୍ପଣପୂର୍ବାହ୍ନ ୮ଟା ୩୦ (ଶହୀଦ ପାର୍କ), ସର୍ବଧର୍ମ ପ୍ରାର୍ଥନା ସଭା ଓ ଆଶ୍ରମ ଭଜନ ପୂର୍ବାହ୍ନ ୯ଟା (ଜିଲା ପାଠାଗାର, ଶହୀଦ ପାର୍କ), ପୁରସ୍କାର ବିତରଣ ଓ ଆଲୋଚନାଚକ୍ର ପୂର୍ବାହ୍ନ ୧୦ଟା (ଜିଲା ପାଠାଗାର, ଶହୀଦ ପାର୍କ)।
- ସାଇବର ସେଫ୍‌ଟି କ୍ୟାମ୍ପେନ୍ ଓଡ଼ିଶା ୨୦୨୩, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ସମୟ-ପୂର୍ବାହ୍ନ ୧୦ଟା ୩୦ ।

# ଏଟିଏମ୍‌ରୁ ଲୁଟ

ରେମୁଣା,୧।୧୦(ରବୀନ୍ଦ୍ର ମହାକୁଡ଼)- ବାଲେଶ୍ୱର ଜିଲା ରେମୁଣା ଥାନା କ୍ଷୀରଚୋରା ଗୋପୀନାଥ ମନ୍ଦିର ନିକଟ ଏସ୍‌ବିଆଇ ଏଟିଏମ୍‌ରୁ ଲୁଟ୍ ହୋଇଛି। ରବିବାର ରାତି ୩ଟା ୪୫ ମିନିଟ୍ ସମୟରେ ଗ୍ୟାସ କଟରରେ ଏଟିଏମ୍‌କୁ କାଟି ଦୁର୍ବୃତ୍ତମାନେ ଟଙ୍କା ନେଇ ପଳାଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହଯୋଗରେ ତଦନ୍ତ କରିବା ସହ ଆଖପାଖରେ ସିସି କ୍ୟାମେରା ଯାଞ୍ଚ କରିଛି। ଏଟିଏମ୍‌ରୁ କେତେ ପରିମାଣର ଟଙ୍କା ଲୁଟ୍ ହୋଇଛି ସେନେଇ କିଛି ସ୍ପଷ୍ଟ ସୂଚନା ମିଳି ନାହିଁ। ଫାଣ୍ଡିଠାରୁ ମାତ୍ର ୩୦ ମିଟର ଦୂରରେ ଥିବା ଏଟିଏମ୍‌ରୁ ଲୁଟ୍ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି।

# ଅହମ୍ମଦୀୟା ସମ୍ପ୍ରଦାୟ ପକ୍ଷରୁ ସିରତୁନ ନବି ଦିବସ

ଭଦ୍ରକ,୧।୧୦(ସନାତନ ରାଉତ)- ଭଦ୍ରକ ଅହମ୍ମଦୀୟା ମୁସ୍‌ଲିମ ଜମାତ୍ ପକ୍ଷରୁ ସିରତୁନ ନବି ଦିବସ ୩ଦିନ ବ୍ୟାପୀ ପାଳିତ ହୋଇଯାଇଛି। ମହମ୍ମଦ ଜୟନ୍ତୀ ଅବସରରେ ନମାଜ ତହଜ୍ଜୁଦ ପାଠରୁ ଆରମ୍ଭ ହୋଇଥିଲା। ପରେ ସଙ୍ଗଠନ ପକ୍ଷରୁ ନମାଜ ଫଜର, ପବିତ୍ର କୋରାନର ଦର୍ସ(ପ୍ରବଚନ) ଓ ସାମୂହିକ ପ୍ରାର୍ଥନା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟାଯାଇଥିଲା। ଭଦ୍ରକ ବ୍ଲକ ଲାଙ୍ଗୁଡ଼ିସ୍ଥିତ ମୂକ ବଧିର ସ୍କୁଲ, ଆରଡ଼ି ଛକସ୍ଥିତ ସାଇସ୍ୱରୂପ ଭିନ୍ନକ୍ଷମ ଅନୁଷ୍ଠାନ ଓ ଚରମ୍ପାସ୍ଥିତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ସଙ୍ଗଠନ ସଦସ୍ୟ। ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ପିଲାମାନଙ୍କୁ ପାଠ୍ୟ ଉପକରଣ ସହ ଶୁଖିଲା ଖାଦ୍ୟ ବିତରଣ କରାଯାଇଥିଲା। ପରେ ନାରୀ ସଙ୍ଗଠନ ଲଜନା ଇମାଉଲ୍ଲା ପକ୍ଷରୁ ଅମତୁଲ ହଫିଜ ଫାଏଜାଙ୍କ ନେତୃତ୍ୱରେ ଭଦ୍ରକ ପୌରାଞ୍ଚଳସ୍ଥିତ ବାଗୁରାଇ ଆଦିବାସୀ ବସ୍ତି ବାସିନ୍ଦା ଓ ଅଙ୍ଗନୱାଡି କେନ୍ଦ୍ରର ୧୩୦ ପିଲାଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଅହମ୍ମଦୀୟା ମସ୍‌ଜିଦଠାରେ ଅହମ୍ମଦୀୟା ମୁସ୍‌ଲିମ ଜମାତ୍‌ର ଅଧ୍ୟକ୍ଷ ଶେଖ୍ ମହମ୍ମଦ କାଦରଙ୍କ ଅଧ୍ୟକ୍ଷତାରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା।

# ଘାସମରା ପକାଇ ଫସଲ ନଷ୍ଟ ଅଭିଯୋଗ



ରାଇବଣିଆ,୧।୧୦(ନବୀନ ସାହୁ)- ଜଣେ ଭାଗ ଚାଷୀଙ୍କ ଚାଷ ଜମିରେ ଘାସମାରା ଔଷଧ ପକାଇ ଜମି ମାଲିକ ଫସଲ ନଷ୍ଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଜଳେଶ୍ୱର ପୌରପାଳିକା ଅଧୀନ ସେଖବାଡ଼ ଅଞ୍ଚଳର ସୁକୁମଣି ମୁର୍ମୁ ପଥରପୁରା ଅଞ୍ଚଳ ୱାର୍ଡ଼ ନଂ. ୫ର ସାବିତ୍ରୀ ସାହୁଙ୍କଠାରୁ ୦.୪୭ ଡିସମିଲ ଜମି ୨୦୦୦ ଟଙ୍କାରେ ଭାଗ ଚାଷ ପାଇଁ ନେଇଥିଲେ। ସେ ଚାଷ ବାବଦକୁ ଜମି ମାଲିକ ସାହୁଙ୍କୁ ଅଗ୍ରୀମ ଆକାରରେ ୫୦୦ ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ପରେ ଦେବେ ବୋଲି କହିଥିଲେ। କିନ୍ତୁ ଜମି ମାଲିକ ତାହା ନ ଶୁଣି ଗୁରୁବାର ସନ୍ଧ୍ୟାରେ ଉକ୍ତ ଚାଷ ଜମିରେ ଘାସମରା ଔଷଧ ପକାଇ ଫସଲ ନଷ୍ଟ କରିଛନ୍ତି ବୋଲି ଭାଗଚାଷୀ ମୁର୍ମୁ ଥାନାରେ ଏତଲା ଦେଇଛନ୍ତି। ଏନେଇ ଜମି ମାଲିକ ସାହୁଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହିତ ଭାଗ ଚାଷ ପାଇଁ କାହାକୁ ଜମି ଦେଇନାହିଁ ବୋଲି କହିଛନ୍ତି।

# ଭୋଗରାଇରେ ବଢ଼ୁଛି ଚୋରି, ଗୋ ଚାଲାଣ

**■୩ ମନ୍ଦିରରୁ ଲୁଟ୍**
**■୫୦ ଗୋରୁ ଉଦ୍ଧାର**

ଭୋଗରାଇ,୧।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଏବେ ଚୋରି, ରାହାଜାନି, ଛିନ୍‌ତାଇ ଓ ଗୋଚାଲାଣ ବୃଦ୍ଧି ପାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଆନ୍ତଃରାଜ୍ୟ ଚୋର ଦଳ ଗାଁ ଗଣ୍ଡା ଓ ମନ୍ଦିରରେ ପଶି ସୁନାଗହଣା, ଟଙ୍କା ଲୁଟ୍ କରି ଚମ୍ପଟ ମାରିବାରେ ସକ୍ଷମ ହେଉଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଉତ୍ତର ଭୋଗରାଇର ବିଭିନ୍ନ ଅଞ୍ଚଳର ୩ ଠାକୁରାଣୀ ମନ୍ଦିରରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। କମର୍ଦ୍ଦା ଥାନା ବାସୁଳିପାଟ ଗ୍ରାମର ମା' ବାସୁଳୀ ଠାକୁରାଣୀ, ମହାଗବ ଗ୍ରାମର ମା' ମଙ୍ଗଳା ଓ ଚାନ୍ଦ କୁସୁମୀ ଗ୍ରାମର ମା' ତାରିଣୀ ଠାକୁରାଣୀ ମନ୍ଦିରରୁ ଠାକୁରାଣୀଙ୍କ ମୂର୍ତ୍ତିରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଛି। କମର୍ଦ୍ଦା, ଭୋଗରାଇ ଓ ତାଳସାରୀ ମେରାଇନ ଥାନା ଥିବାବେଳେ ଦୁଇଟି ଫାଣ୍ଡି ରହିଛି। ତେବେ କର୍ମଚାରୀ ଅଭାବରୁ ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ହୋଇପାରୁ ନ ଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢ଼ୁଥିବା ଅଭିଯୋଗ ହେଉଛି। ଚୋରି ହୋଇଥିବା ଅଞ୍ଚଳରେ କମର୍ଦ୍ଦା ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି।

ଅପରପକ୍ଷରେ ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥ ନହରା ଶିବ ମନ୍ଦିର ପଶ୍ଚିମବଙ୍ଗରାସ୍ତାରୁ ପୋଲିସ ଗୋରୁ ଚାଲାଣ ବେଳେ ଦୁଇଟି ଟ୍ରକ୍ ଜବତ କରିଛି। ଏହି ଟ୍ରକ୍‌ରେ ଥିବା ୫୦ ଗୋରୁଙ୍କୁ ଉଦ୍ଧାର ପରେ ବାଲେଶ୍ୱର ବାମପଦା ଗୋଶାଳାକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାରେ ପୋଲିସ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଛି।

# ସାରଡାଙ୍ଗ ହେବ ପଲିଥିନ ମୁକ୍ତ ପଞ୍ଚାୟତ



ମହିଳା ଗୋଷ୍ଠୀ ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ ନେଉଛନ୍ତି ।

ଖଇରା,୧।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆଶା, ଅଙ୍ଗନୱାଡି କର୍ମୀ,ମହିଳା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଶପଥ ପାଠ କରିବା ସହ ସାରଡାଙ୍ଗକୁ ପ୍ଲାଷ୍ଟିକ ବା ପଲିଥିନ ମୁକ୍ତ ପଞ୍ଚାୟତ ଭାବେ ଗଢ଼ିବାପାଇଁ ସମସ୍ତେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ କରିଥିଲେ। ଏମ୍‌ବିକେ ଶ୍ରଦ୍ଧାଞ୍ଜଳି ପତ୍ରୀ,ୱାର୍ଡସଭ୍ୟ ଚକ୍ରଧର ବେହେରା, ଯୁବନେତା ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ଆବର୍ଜନାଯୁକ୍ତ ସ୍ଥାନଗଡ଼ିକୁ ପରିଷ୍କାର କରାଯାଇଥିଲା ।

# ବନଖଣ୍ଡ ଅଧିକାରୀଙ୍କୁ କେନ୍ଦୁପତ୍ର ମୁନସୀଙ୍କ ଦାବିପତ୍ର



ମୁନସୀମାନେ ଦାବିପତ୍ର ପ୍ରଦାନ ପୂର୍ବରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖାଉଛନ୍ତି।

କେନ୍ଦୁଝର,୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଡିଏସ୍ ପ୍ରଦାନରେ ଅନିୟମିତତା**

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ଶୁଙ୍ଖଳାବାହାଳି ସେକ୍ସନର କେନ୍ଦୁପତ୍ର ମୁନସୀମାନଙ୍କୁ ପ୍ରାପ୍ୟ ପ୍ରଦାନରେ ଅନିୟମତତା ଅଭିଯୋଗ ହୋଇଛି। ଏ ନେଇ କେନ୍ଦୁଝର ବନଖଣ୍ଡ ବନାଞ୍ଚଳ ଅଧିକାରୀଙ୍କୁ ମୁନସୀମାନେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। କପିକେନ୍ଦୁପତ୍ର ତୋଳାଳି ସଂଘର ଡିଭିଜନ ସମ୍ପାଦକ, ରାଜ୍ୟ ସଭାପତି, ମୁଖ୍ୟ ବନ ସଂରକ୍ଷକଙ୍କୁ ପ୍ରଦାନ କରାଯାଇଥିବା କୁହାଯାଇଛି। ଅଭିଯୋଗ ଅନୁଯାୟୀ, ଗତବର୍ଷ କେନ୍ଦୁପତ୍ର ତୋଳାଳୀମାନଙ୍କୁ ଶୁଖାଇବା ଓ ସାଇତିବା (ଡିଏସ) ବାବଦକୁ ସରକାରୀ ଧାର୍ଯ୍ୟଠାରୁ କମ ପ୍ରାପ୍ୟ ଦିଆଯାଇଥିଲା। ସରକାରୀ ଦର ସେମାନଙ୍କୁ ଜଣା ନ ଯାଇ ହଜାରେ କେରି ପ୍ରତି ୫୫ ଟଙ୍କା ଦରରେ ପ୍ରଦାନ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ପ୍ରାପ୍ୟ ପ୍ରଦାନ ପୂର୍ବରୁ ସେମାନଙ୍କଠାରୁ ଦସ୍ତଖତ କରାଇନେଇଥିବା ଏବଂ ବହୁ ଦିନ ପରେ ଡିଏସ୍ ପ୍ରାପ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ କରିଛନ୍ତି। ସରକାରୀ ଦର ପଚାରିବାରୁ ତାହା ନ କହି ପ୍ରତିବର୍ଷ ଯେଉଁ ହାରରେ ପ୍ରଦାନ କରାଯାଇଛି ତାହା ହେଉଛି ସରକାରୀ ଦର ବୋଲି ଫରେଷ୍ଟର ତାଙ୍କୁ ବୁଝେଇ ଦେଇଥିଲେ ବୋଲି ସେମାନେ ଲିଖିତ ଅଭିଯୋଗ କରିଛନ୍ତି । କମ ହାରରେ ଡିଏସ୍ ଦିଆଯାଉଛି ଯାହାକି ଦୈନିକ ମଜୁରିଠାରୁ କମ ବୋଲି ସେମାନେ କହିଛନ୍ତି। ଏଣୁ ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା କରିବାକୁ କୃଷ୍ଣଚନ୍ଦ୍ର ମହାକୁଡ଼, ସୁବନ ନାୟକ, ରମେଶ ଚନ୍ଦ୍ର ବାରିକ, ଗୋବିନ୍ଦ ଚନ୍ଦ୍ର ଦେହୁରୀ, ସଞ୍ଜୟ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ଗୁମୁ କିସାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ଶୌର୍ଯ୍ୟ ଜାଗରଣ ରଥକୁ ସ୍ୱାଗତ

ବାରିପଦା,୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସାରା ରାଜ୍ୟରେ ଚାଲିଥିବା 'ଶୌର୍ଯ୍ୟ ଜାଗରଣ ଯାତ୍ରା'କୁ ବାରିପଦାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ସନ୍ଧ୍ୟାରେ ସୁସଜ୍ଜିତ ରଥ ସ୍ଥାନୀୟ ଷ୍ଟେଶନ ବଜାର ପଡ଼ିଆରେ ପହଞ୍ଚିବା ପରେ ଏକ ବାଇକ ଶୋଭାଯାତ୍ରାରେ ରଥକୁ ସହର ପରିକ୍ରମା କରାଯାଇଥିଲା। ରଥର ଯାତ୍ରାପଥରେ ସ୍ଥାନୀୟ ଏମ୍‌ପିସି କଲେଜ ସମ୍ମୁଖରେ ଓ ଭଞ୍ଜପୁର ଛକରେ ପଥପ୍ରାନ୍ତ ସଭାମାନ ମଧ୍ୟ ଆୟୋଜିତ ହୋଇଥିଲା। କବିବିଷ୍ଣୁ ଶତପଥୀ ଓ ହରିହର ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ୍ ରଣା, ଅମିତ ନାୟକ, କୃଷ୍ଣା ରାମ, ନଳିନୀ ମହାପାତ୍ର, କଳ୍ପତରୁ ରାୟବାବୁ, ଅଭିନବ ଭଞ୍ଜଦେଓ, ନନିଗୋପାଲ ବାବୁ, ଯତୀନ୍ଦ୍ର ମହାପାତ୍ର, ଶୁଭମ ତ୍ରିପାଠୀ, ପ୍ରଶାନ୍ତ ନାଏକ, ରାଜବୀର ବିନ୍ଧାଣି ପ୍ରମୁଖଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଭିଏଚ୍‌ପି ଓ ବଜରଙ୍ଗ ଦଳର ଦୁଇ ଶହରୁ ଉର୍ଦ୍ଧ୍ୱ ଯୁବକର୍ମୀ ଅଂଶ ଗ୍ରହଣ କରିଥିଲେ। ଶୌର୍ଯ୍ୟ ଜାଗରଣ ରଥଟି କପ୍ତିପଦା ବାଘା ଯତୀନ ଶହୀଦ ସ୍ଥଳରୁ ବାହାରି ଉଦଳା, ଖୁଣ୍ଟା, ବେତନଟୀ, ଚିତ୍ରଡ଼ା ପ୍ରଭୃତି ଅଞ୍ଚଳ ବୁଲି ଶହୀଦ ସ୍ଥଳରେ ପହଞ୍ଚିଥିଲା। ରବିବାର ସକାଳୁ ପୁଣି ଶାମାଖୁଣ୍ଟା, କୁଳିଅଣା, ସାରସକଣା, ବାଙ୍ଗରିପୋଷି ପ୍ରଭୃତି ଅଞ୍ଚଳ ଅଭିମୁଖେ ବାହାରିଯାଇଥିବା ସୂଚନା ମିଳିଛି। ପ୍ରଶାନ୍ତ ଆଚାର୍ଯ୍ୟ, ଘନଶ୍ୟାମ ମହାନ୍ତ, ମୃତ୍ୟୁଞ୍ଜୟ ପାଲ ପ୍ରମୁଖ ଭିଏଚ୍‌ପି କର୍ମକର୍ତ୍ତାମାନେ ରହି ଯାତ୍ରା ସଞ୍ଚାଳନ କରୁଥିବା ଜଣାଯାଇଛି।

# ମୃତ ଦମ୍ପତିଙ୍କ ପରିବାରକୁ ୩.୨ ଲକ୍ଷ ସହାୟତା



ମୃତ ଦମ୍ପତିଙ୍କ ଝିଅଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ବିଶୋଇ,୧।୧୦ (ଅମିତ ଦାସ)

ଗତ ୨୮ ତାରିଖରେ ୪୯ ନଂ. ଜାତୀୟ ରାଜପଥ ଦ୍ୱାରଶୁଣି ଘାଟିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବିଶୋଇ ଅଞ୍ଚଳର ରବିନାରାୟଣ ଦାସ ଓ ତାଙ୍କ ପତ୍ନୀ ରେବତୀ ଦାସଙ୍କ ମୃତ୍ୟୁ ଘଟିଥିଲା। ରବିବାର ମୃତ ଦମ୍ପତିଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩ ଲକ୍ଷ ଟଙ୍କାର ଚେକ୍ ସହ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ବିଶୋଇ ବ୍ଲକ ଛକର ଦେଉଳସାହିସ୍ଥିତ ମୃତ ଦମ୍ପତିଙ୍କ ବାସଭବନରେ ପହଞ୍ଚି ତାଙ୍କ ବିବାହିତା ସାନ ଝିଅଙ୍କୁ ଭେଟି ଏହି ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସହ ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବ୍ଲକ ଅଧ୍ୟକ୍ଷା ତୁଳସୀ ସିଙ୍କୁ ହାଁସଦା, ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ମୟୂରଭଞ୍ଜ-୨ ଜିଲା ବିଜେଡି ସଭାପତି କାଶୀନାଥ ହେମ୍ବ୍ରମ, ପ୍ରାକ୍ତନ ବିଧାୟକ ଭାଦବ ହାଁସଦା, ଜିଲା ମହିଳା ସଭାପତି ତନୁଜା ମହାନ୍ତ, ଜିଲା ବିଜେଡି ସାଧାରଣ ସମ୍ପାଦକ ବୁଦ୍ଧିମାନ ମଣ୍ଡଳ, ୱାର୍ଡସଭ୍ୟ ବିବେକାନନ୍ଦ ଦାସ, ଉତ୍କଳ ରଞ୍ଜନ ମହାନ୍ତି, ଜିଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ଭାଗବତ ପ୍ରସାଦ ମହାପାତ୍ର, ଜରୁରିକାଳୀନ ଅଧିକାରୀ ମନୋରଞ୍ଜନ ନାଏକ ଓ ତହସିଲଦାର ମନ୍ମଥ କୁମାର ମଲ୍ଲିକ ଉପସ୍ଥିତ ରହିଥିଲେ।

ସୂଚନାଥାଉ କି, ଉକ୍ତ ଦମ୍ପତିଙ୍କ ମୃତ୍ୟୁ ପରେ ତାଙ୍କ ଉପରେ ନିର୍ଭର କରୁଥିବା ସାନଝିଅ ଓ ୩ ବର୍ଷର ନାତୁଣୀ ବେସାହାରା ହୋଇଯାଇଛନ୍ତି। ମା' ଝିଅଙ୍କୁ ଯଥାଶୀଘ୍ର ସରକାରୀ ସୁବିଧା ଯୋଗାଇ ଦିଆଯିବା ନେଇ ମନ୍ତ୍ରୀ ମାର୍ଣ୍ଡି ଓ ରାଜ୍ୟ ସଭା ସଦସ୍ୟା ମହାନ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ




ପାଟଣା,୧।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆର କର୍ମଚାରୀମାନେ ରବିବାର କେନ୍ଦେଇପଶି ମୁଖ୍ୟାଳୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରିସରକୁ ସ୍ୱଚ୍ଛତା ଅଭିଯାନରେ ସଫା କରିଛନ୍ତି। କାର୍ଯ୍ୟକ୍ରମକୁ ଏସ୍‌ବିଆଇ ପାଟଣା ଶାଖା ବ୍ରାଞ୍ଚ ମ୍ୟାନେଜର ରାମକୃଷ୍ଣ ସାହୁଙ୍କ ନେତୃତ୍ୱରେ ଫିଲ୍ଡ ଅଫିସର ଅଭିଷେକ ବେହେରା, କର୍ମଚାରୀ ଉଦୟ ବେହେରା, ପଦ୍ମିନୀ ନାୟକ, ମେଡ଼ିକାଲ କର୍ମଚାରୀମାନେ ସାମିଲ ହୋଇଥିଲେ। ଅନୁରୂପ ପାଟଣା ମୁଖ୍ୟାଳୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରକୁ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଏବିଓ ବିଜୟ କୁମାର ଓଝା, ପ୍ରକାଶ ରାୟ, ଶିକ୍ଷକନେତା ବିର ମୋହନ ଦ୍ୱିବେଦୀ, ଜ୍ୟୋର୍ତିମୟ ତ୍ରିପାଠୀ, ଦିଲୀପ ବେହେରା ପ୍ରମୁଖ ସଫେଇ କରିଥିଲେ। ସାହାରପଡ଼ା ବ୍ଲକ୍ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶାଖା ପକ୍ଷରୁ ପ୍ରାତଃରେ ସାହାରପଡ଼ା ବଜାରକୁ ସଫେଇ କରାଯାଇଥିଲା। ସଂଘ ମୁଖ୍ୟ କାର୍ଯ୍ୟବାହ ସତିଶ ବେହେରାଙ୍କ ନେତୃତ୍ୱରେ ଦୟାନିଧି ମହାନ୍ତ, ଗୌତମ ନାଏକ, ଟୁନା ତରେଇ, ଅନନ୍ତ ରାଉତ, ମହେଶ ଦାସ, ଲୋହିତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ହାଇୱା ଡାଲା ଚାପିହୋଇ ଚାଳକ ମୃତ

ଘସିପୁରା,୧।୧୦(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥର ଦରଖଳା ନିକଟରେ ଏକ ଅଭାବନୀୟ ଘଟଣାକ୍ରମରେ ହାଇୱା ଚାଳକଙ୍କ ମୃତ୍ୟୁ ଘଟିଛି। ଚାଳକ ଜଣକ ଘସିପୁରା ଥାନା ଭଣ୍ଡାରିଡ଼ିହା ଗ୍ରାମର କମଳ ଲୋଚନ ରାଉତ। ସେ ହାଇୱା ନେଇ କେନ୍ଦୁଝରରୁ ଘସିପୁରା ଆସୁଥିଲେ। ଦରଖଳାଠାରେ ହାଇୱା ଖରାପ ହୋଇଯାଇଥିଲା। ଚାଳକ ଗାଡ଼ି ଅଟକାଇ ନିଜେ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କ ଉପରେ ହାଇୱା ଡାଲାଟି କୌଣସି କାରଣରୁ ଖସିପଡ଼ିଥିଲା। ଚାଳକଙ୍କ ବେକ ଚାପି ହୋଇଯିବାରୁ ସେ ଘଟଣାସ୍ଥଳରେ ମୃତ୍ୟବରଣ କରିଥିଲେ। ଘସିପୁରା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଶତାୟୁ ବୃଦ୍ଧାବୃଦ୍ଧ ସମ୍ବର୍ଦ୍ଧିତ

ଧାମନଗର, ୧।୧୦ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ବରିଷ୍ଠ ନାଗରିକ ଦିବସ ଅବସରରେ ରବିବାର ଧାମନଗର ଅଞ୍ଚଳର ଶିକ୍ଷାବିତ୍ ତଥା କେନ୍ଦୁଝର ଜିଲା ଆନନ୍ଦପୁରର ସହକାରୀ ବ୍ଲକ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ଶତାୟୁ ବୃଦ୍ଧାବୃଦ୍ଧଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ରାଧାବଲ୍ଲଭପୁର ପଞ୍ଚାୟତ ଷୋଳଗାଁରେ ଶତାୟୁ ମହିଳା ଖୁଲଣା ଜେନା, କୋଠାର ପଞ୍ଚାୟତ ଗୁରୁନଗର ଶାସନର ଶତାୟୁ ଲକ୍ଷ୍ମୀକାନ୍ତ ମିଶ୍ର ଓ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ହବିବନଗରର ଶତାୟୁ ସେକ୍ ମୋହିଉଦ୍ଦିନଙ୍କୁ ସେ ସାକ୍ଷାତ କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ସହ ମିଷ୍ଟାନ୍ନ ଖୁଆଇଥିଲେ। ଏଥିସହ ଆଶୀର୍ବାଦ ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ମନୋଜ କୁମାର ପାଣିଗ୍ରାହୀ, ଭାବଗ୍ରାହୀ ଖୁଣ୍ଟିଆ ଓ ସଲିମ୍ ଖାଁ ଏପରି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।



ହବିବନଗରର ଶତାୟୁ ସେକ୍ ମୋହିଉଦ୍ଦିନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବରିଷ୍ଠ ନାଗରିକ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା

କେନ୍ଦୁଝର,୧।୧୦(ଦୀପକ ମିଶ୍ର)

କେନ୍ଦୁଝର ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ରବିବାର ସ୍ଥାନୀୟ ପୌରପାଳିକା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୪ ବରିଷ୍ଠ ନାଗରିକ ମହାସଂଘର ୨୯୫ ସଦସ୍ୟ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବ୍ୟକ୍ତିମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିନା ମୂଲ୍ୟରେ ଔଷଧ ଓ ଚଷମା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ ଏବଂ ଶ୍ରେଷ୍ଠ ରଚନା ଆଲେଖ୍ୟ ପ୍ରତିଯୋଗିତା ହୋଇ ଶ୍ରେଷ୍ଠ ୨୬ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ କେନ୍ଦୁଝର ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ମୁଖ୍ୟ ଜିଲା ଚିକିତ୍ସା ଡା. କିଶୋର ଚନ୍ଦ୍ର ପୃଷ୍ଟି, ଜିଲା ଉପ ଆରକ୍ଷୀ ଅଧିକ୍ଷକ ଯୋଗଦେଇଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ, ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବନାଯୋଡ଼ିସ୍ଥିତ ଆଦର୍ଶ ବିକାଶ ପ୍ରତିଷ୍ଠାନ ପରିସରରେ ଥିବା ଆନନ୍ଦାଶ୍ରମଠାରେ ଅନ୍ତେବାସୀ, ଅଞ୍ଚଳର ବରିଷ୍ଠ ନାଗରିକମାନେ ଯୋଗଦେଇ ସେମାନଙ୍କ ଅଧିକାର ସମ୍ବନ୍ଧରେ ସଚେତନ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଭାରପ୍ରାପ୍ତ ଜିଲା ଜଜ୍ ରଶ୍ମିତା ଦଳେଇ, ପ୍ରାଧିକରଣ ସଚିବ ମାମୀ ବେହେରା, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସସ୍ମିତା ମିଶ୍ର, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଶିବାନୀ ମହାପାତ୍ର, ଆଦ୍ୟାଶା ମିଶ୍ର, ଉପ ଆରକ୍ଷୀ ଅଧିକ୍ଷିକା ସରୋଜିନୀ ସାମଲ, ସଦର ଥାନା ଅଧିକାରୀ ନିତେଶ ବେହେରା, ଡା. ଶିବଚରଣ ବାଗ, ଆନନ୍ଦାଶ୍ରମର ପ୍ରତିଷ୍ଠାତା ସେବତୀ ସିଂ ପ୍ରମୁଖ ଯୋଗ ଦେଇଥିଲେ।

# 'ପ୍ରେରଣା ଦିଏ ବରିଷ୍ଠଙ୍କ ପରାମର୍ଶ'

**ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ**

ଭଦ୍ରକ,୧।୧୦ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ସାମାଜିକ ସୁରକ୍ଷା ଯୋଜନା ବିଭାଗ ପକ୍ଷରୁ ରବିବାର ଟାଉନ ହଲ୍‌ରେ ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ-୨୦୨୩ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକସଞ୍ଜୀବକୁମାରମଲ୍ଲିକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୟୋଜ୍ୟେଷ୍ଠଙ୍କ ଅଭିଜ୍ଞତା ଓ ଅନୁଭୂତି କନିଷ୍ଠମାନଙ୍କ ପାଇଁ ଆର୍ଶୀବାଦ ହୋଇଥାଏ। ସେମାନଙ୍କ ପରାମର୍ଶ ଯୁବପିଢ଼ିମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦିଏ ବୋଲି ଅତିଥିମାନେ କହିଥିଲେ।




ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଶତାଧିକ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମେଗା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗୀୟ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ୮୦ବର୍ଷରୁ ଉର୍ଦ୍ଧ୍ୱ ୧୬ଜଣ ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ପ୍ରଫେସର ଅଟଳ ବିହାରୀ ନାୟକ, ରାଧାରାଣୀ ମହାପାତ୍ର, ଡା. ହରେକୃଷ୍ଣ ନାୟକ, ଅଜୟ କୁମାର ନାୟକ, ଡା. ଦୁର୍ଯ୍ୟୋଧନ ଦାସ, ବିଭୂତି ଭୂଷଣ ସେନାପତି, ବିଜୟ କୁମାର ସେନାପତି, ସଚିକାନ୍ତ ପଣ୍ଡା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା କ୍ରୀଡ଼ା ଅଧିକାରୀ ପଦ୍ମନ କୁମାର ରାୟ ଧନ୍ୟବାଦ ଦେଇଥିଲେ।

